# ପିଲାଙ୍କ ଧରିତ୍ରୀ

ଶନିବାର, ୨୦ ଅଗଷ୍ଟ, ୨୦୨୨




ଜଣା ଅଜଣା ୭

ଆଇନା ୮





୬ କବିତା



## ଖୃଲି ଖୃଲି ହସ

ରାଜୁ ଓ ବିଜୁ ଦୁଇଭାଇ ଗୋଟିଏ କ୍ଲାସ୍‌ରେ ପଢ଼ନ୍ତି। ଥରେ କ୍ଲାସ୍‌ରେ ଶିକ୍ଷକ କହିଲେ – ତୁମେ ଦୁଇଜଣ ଦୁଇଭାଇ, ହେଲେ ବାପାଙ୍କ ନାଁ ଅଲଗା ଅଲଗା ଲେଖିଛ ? ବିଜୁ: ସାର୍, ନ ହେଲେ ଆପଣ କହିଥାନ୍ତେ ଆମେ କପି କରି ଲେଖିଛୁ !

ଡାକ୍ତର ପଚାରିଲେ – ପପୁ, ତୁମେ ଯେତେବେଳେ ଚିନ୍ତାଗ୍ରସ୍ତ ରୁହ କ'ଣ କର ?
**ପପୁ:** ଡାକ୍ତରବାବୁ , ମୁଁ ମନ୍ଦିରକୁ ଯାଏ।
**ଡାକ୍ତର:** ବହୁତ ଭଲ, ସେଠାକୁ ଯାଇ ବୋଧେ ଧ୍ୟାନରେ ବସ।
**ପପୁ:** ନାଁ ସାର,ସେଠାରେ ଥୁଆ ହୋଇଥିବା ଜୋତାକୁ ଏପଟ ସେପଟ କରିଦେଇ ଦେଖେ। ଆଉ ସେମାନଙ୍କ ଚିନ୍ତାଗ୍ରସ୍ତ ଅବସ୍ଥା ଦେଖି ମୋ ଚିନ୍ତା ଦୂର ହୋଇଯାଏ।

ଶିକ୍ଷକ କ୍ଲାସ୍‌ରେ ପିଲାଙ୍କୁ କହିଲେ, ଆରେ ପିଲାମାନେ କହିଲ –ଦିନରେ କେତେବେଳେ ତାରା ଦେଖାଯାଏ।
ଗୋଟେ ପିଲା କହିଲା–ସାର୍ , ଯେତେବେଳେ ଗାଲରେ ଚାପୁଡ଼ା ବସେ ସେତେବେଳେ।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ସେମାନେ ସମର୍ଥ

**ଗପ**



**ସେ**ଦିନ ସ୍କୁଲରୁ ଫେରି ଗୁଗୁ ଖୁବ୍ ଉତ୍‌ଫୁଲ୍ଲିତ ହୋଇ ତା' ମାମାଙ୍କୁ କହୁଥିଲା, 'ମାମା ଜାଣିଛ ଆଜି କ'ଣ ହେଲା ସ୍କୁଲରେ'! କ'ଣ ହେଲା ଗୁଗୁ? ତା' ମାମା ପଚାରିଲେ।

ଜାଣିଛ ନା ମାମା, ଆଜି ଆମ ସ୍କୁଲ୍‌କୁ ଗୋଟେ ନୂଆ ପିଲା ଆସିଲା। ସିଏ ଗୋଟେ ଅଜବ ନମୁନା। ଆଜି ଦିନଟା ତା ସହ ଟାଇମପାସ୍ କରି କରି ଖୁବ୍ ଭଲରେ କଟିଗଲା। ସିଏ କେମିତି ଖନେଇ ଖନେଇ କଥା କହୁଛି। ତା' ଓଠଟା କେମିତି ଟିକେ ଅଲଗା। କଟା ହେଲା ଭଳି ହେଇଛି। ତାକୁ ତୋ ନାଁ କ'ଣ ପଚାରିଲେ ସେ କହୁଛି ତିପୁନ୍। ତା'ର 'କ, ଟ, ସ, ଗ, ଭ' ଏସବୁ ଶବ୍ଦ ହେଉନି। ତା ନାଁ ଟା ସିପୁନ, ସେ କହୁଛି ତିପୁନ୍। ଆଜି ଆମେ ତାକୁ ମଜା କରିବାକୁ ଏଇଟା କହ, ସେଇଟା କହ ଏମିତି ଅନେକ କଥା ପଚାରି ପଚାରି ବିରକ୍ତ କରିଦେଲୁ। ଖୁବ୍ ଚିଡ଼େଇଲୁ ତାକୁ। ରାଗ କହ କହିଲେ ନାଗ କହୁଥିଲା, ସପନ କହ କହିଲେ ତପନ, ଭାତ କହ କହିଲେ ତାତ ଏମିତି ସବୁ କହୁଥିଲା। ବଢ଼ିଆ ମଜା କଲୁ, ଖୁବ୍ ହସିଲୁ ଆଜି।

ଏକଥା ଶୁଣିବା ପରେ ଗୁଗୁର ମାଆ ଖୁବ୍ ରାଗିଗଲେ। କହିଲେ, ତମେ ସବୁ ଯାହା କଲ ଠିକ୍ କଲ ନାହିଁ। କାହାର କୌଣସି ଅକ୍ଷମତାକୁ ଦେଖି ତାକୁ ଚିଡ଼େଇବା କଥା ନୁହଁ। କାଲି ଯାଇ ତାକୁ କ୍ଷମା ମାଗିବୁ। ଗୁଗୁ କଥା ଶୁଣି ତା'ମାମା ତାକୁ ବୁଝେଇବା ଭଙ୍ଗୀରେ କହିଲେ।

କିନ୍ତୁ ଗୁଗୁ କହିଲା କାହିଁକି ମାମା, ସବୁ ପିଲା ଚିଡ଼ାଉଥିଲେ ତାକୁ। ସେ ଯେମିତି କହୁଛି ନା ଯିଏ ବି ଶୁଣିବ ହସିବ। ମୁଁ କ'ଣ ଏକା ଚିଡ଼େଇଲି ଯେ ମୁଁ ତାକୁ କ୍ଷମା ମାଗିବି।

କିନ୍ତୁ ଗୁଗୁକୁ ବୁଝାଇବାକୁ ଯାଇ ତା' ମାମା କହିଲେ, କାହାର ଏମିତି ମଜା ଉଡାନ୍ତି ନାହିଁ। ସେମାନେ ଆମ ଭଳି ମଣିଷ। କିନ୍ତୁ ବିଧିର ବିଧାନ ଯୋଗୁ ସେମାନେ ଆମଠାରୁ ଟିକେ ଭିନ୍ନ। କିଛିଟା ଗୁଣ ଯୋଗୁ ସେମାନେ ଆମକୁ ଅଲଗା ଲାଗନ୍ତି। । ଏମିତି କିଛି କାମ ନାହିଁ ଯାହା ସେମାନେ କରିପାରିବେ ନାହିଁ। ସେମାନେ ସମର୍ଥ। କାହାରି କୌଣସି ଖୁଣ ଦେଖି ସେମିତି ଉପହାସ କରିବା କଥା ନୁହଁ। ଯଦି ଆମେ ସେ ପିଲା ଜାଗାରେ ଥାନ୍ତେ, ଆମକୁ କେହି ଉପହାସ କରିଥିଲେ କେମିତି ଲାଗନ୍ତା ? ଜାଣିଛୁ ମୁଁ ସ୍କୁଲ୍‌ରେ ପଢ଼ିଲା ବେଳେ ମୋ ସହ ଜଣେ ଦୃଷ୍ଟିହୀନ ଝିଅ ବି ପଢୁଥିଲା। ଆଖି ଦୁଇଟି ନ ଥିଲେ କ'ଣ ହେଲା ସେ ଆମ ଭଳି ସବୁକିଛି କରି ପାରୁଥିଲା, ତା' ସ୍ମରଣଶକ୍ତି ଖୁବ୍ ପ୍ରଖର ଥିଲା ଓ ସେ ସୁନ୍ଦର ଗୀତ ବୋଲି ପାରୁଥିଲା। ସେ ମୋର ଜଣେ ଘନିଷ୍ଠ ସାଙ୍ଗ ଥିଲା, ଏବେ ବି ଅଛି। ଆଉ ସେ ଏବେ ବ୍ୟାଙ୍କ୍ ମ୍ୟାନେଜର୍ ରୂପେ କାର୍ଯ୍ୟ କରୁଛି।

ଆଉ ଜଣେ ବିଖ୍ୟାତ ମହିଳା ହେଲେନ କେଲେରଙ୍କ ନାଁ ଶୁଣିଚୁ ? ତାଙ୍କୁ ଦୁଇ ତିନି ବର୍ଷ ହୋଇଥିବା ବେଳେ ଏକ ଅଜଣା ଜ୍ୱରରେ ପୀଡ଼ିତ ହୋଇ ସେ ଦୃଷ୍ଟିଶକ୍ତି ଓ ବାକ୍‌ଶକ୍ତି ହରାଇବା ସହ କିଛି ଶୁଣିବାର କ୍ଷମତା ମଧ୍ୟ ହରାଇଲେ। କିନ୍ତୁ ତାଙ୍କ ମାଆ ଓ ଜଣେ ଶିକ୍ଷୟିତ୍ରୀଙ୍କ ଚେଷ୍ଟା ଓ ନିଜସ୍ୱ ଆତ୍ମପ୍ରଚେଷ୍ଟା ବଳରେ ସେ ଏତେ ବିଚକ୍ଷଣ ହୋଇପାରିଥିଲେ ଯେ, ରାସ୍ତାରେ ଗଲା ବେଳେ ସେ କେଉଁ ଗଳି, କେଉଁ ରାସ୍ତା ଦେଇ ଯାଉଛନ୍ତି, ଫୁଲକୁ ଛୁଇଁ ଆଘ୍ରାଣ କରି ସେ ଫୁଲଫଳ, ପଶୁପକ୍ଷୀର ନାମ କହି ପାରୁଥିଲେ। ହିନ୍ଦୀ କବି ସୁର ଦାସ, ସନ୍ଥ କବି ଭୀମ ଭୋଇ ଏମାନେ ଜନ୍ମରୁ ଦୃଷ୍ଟିହୀନ ଥିଲେ ବି ଅନେକ କବିତା ରଚନା କରି ଯାଇଛନ୍ତି। ତେଣୁ କେବେ କାହାକୁ ନ୍ୟୂନ ମନେକରି ଉପହାସ କରିବା ଉଚିତ ନୁହେଁ। ସେମାନେ ଆମ ଭଳି ମଣିଷ। ଗୋଟିଏ ଅଙ୍ଗ ବିକଳାଙ୍ଗ ହୋଇଗଲେ ବି ସେମାନେ ଅନେକ କ୍ଷେତ୍ରରେ ଆମଠାରୁ ଆଗୁଆ। ଏହିଭଳି ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ ଅଛି। ସେମାନେ ପାଠ ସହ ନାଚ, ଗୀତ, ଖେଳକୁଦ, ତବଲା, ବଂଶୀ ବଜେଇବା ଆଦି ଗୁଣରେ ପାରଙ୍ଗମ। ଆମଠାରୁ ସେମାନେ କୌଣସି ଗୁଣରେ କମ ନୁହନ୍ତି। ତେଣୁ କାହାରି ଅକ୍ଷମତା ଦେଖି ଉପହାସ କରିବା ଆଦୌ ଉଚିତ ନୁହଁ। ମାଆଙ୍କ କଥା ଶୁଣି ଗୁଗୁ ନିଜ ଭୁଲ ବୁଝିପାରିଲା ଏବଂ କହିଲା,'ମାମା ମୁଁ ମୋ ଭୁଲ୍ ମୁଁ ବୁଝିପାରିଛି। କାଲି ଯାଇ ସେ ପିଲାକୁ କ୍ଷମା ମାଗିବି ଓ ତା'ର ଜଣେ ଭଲ ସାଙ୍ଗ ହେବାକୁ ଚେଷ୍ଟା କରିବି। ଅନ୍ୟକୁ ଉପହାସ କରିବାରୁ ନିବୃତ୍ତାଇବି।

**–ସୁନିତା ପ୍ରଧାନ**
ଲକ୍ଷ୍ମୀପୁର, କୋରାପୁଟ
ମୋ: ୭୭୪୯୮୫୦୫୭୫

## ମତାମତ

❖ 'ସ୍ୱାଧୀନତା ଦିବସ କାହା ପାଇଁ କେମିତି' ବିଷୟରୁ ପିଲାମାନେ ସ୍ୱାଧୀନତା ଦିବସ ପାଇଁ ପୂର୍ବରୁ ପ୍ଲାନିଂ କରିଥିବା ଜାଣିବାକୁ ପାଇଲି। ସେମାନଙ୍କର ଦେଶଭକ୍ତି ଜାଣି ଗର୍ବ ଲାଗୁଛି।

– **କ୍ରିଷ୍ଣା ଜେନା,** ସୋର, ବାଲେଶ୍ୱର

❖ 'ଏଥରର' କୁନି ପିଲାଙ୍କ ପାଇଁ ବେଶ୍ ଜ୍ଞାନବର୍ଦ୍ଧକ ହୋଇପାରୁଛି।

–**ଦେବାଶିଷ କର,** ଆଙ୍କପଦା, ଭଦ୍ରକ

❖ ସ୍ୱାଧୀନତା ଦିବସ ଥିମ୍‌କୁ ନେଇ ପ୍ରସ୍ତୁତ ଏଥରର 'ପିଲାଙ୍କ ଧରିତ୍ରୀ' ସତରେ ଆକର୍ଷଣୀୟ କରାଯାଇଛି।

–**ଅସୀମା ବେହେରା,** ଖାନ୍‌ନଗର, କଟକ

❖ 'ତୁମ ତୂଳୀରୁ' ସ୍ତମ୍ଭର ପ୍ରତ୍ୟେକଟି ଚିତ୍ର ଚମତ୍କାର ହୋଇଛି।

– **ଦେବଯାନୀ ମହାନ୍ତି,** ବଙ୍ଗୋମୁଣ୍ଡା, ବଲାଙ୍ଗୀର

## ରଙ୍ଗ ଦିଅ



## ଚଗଲା ଭୀମୁ



# ଓଦା କପଡା ଶୁଖେ କିପରି

–ନିକୁଞ୍ଜ ବିହାରୀ ସାହୁ

**ବର୍ଷାଦିନେ ଓଦା ଶାର୍ଟ ପ୍ୟାଣ୍ଟସବୁ ସାଧାରଣତଃ ସହଜରେ ଶୁଖିପାରେ ନାହିଁ। ମାତ୍ର ସେସବୁକୁ ପଙ୍ଖା ତଳେ ଟାଙ୍ଗି ଦେବା ଦ୍ୱାରା ପଙ୍ଖା ପବନରେ ଶାର୍ଟ ପ୍ୟାଣ୍ଟ ଇତ୍ୟାଦି ଉପରେ ଜମିଥିବା ଜଳୀୟବାଷ୍ପ ଭରା ବାୟୁ ସ୍ଥାନାନ୍ତରିତ ହୋଇ ଚାଲିଯାଏ। ଫଳରେ ଓଦା ଶାର୍ଟ ପ୍ୟାଣ୍ଟରୁ ଜଳୀୟ ଅଂଶ ସହଜରେ ବାଷ୍ପ ହୋଇ ବାହାରି ବାୟୁରେ ମିଶିଯାଏ।**



ବବଲୁ ସେଦିନ ବିଦ୍ୟାଳୟରୁ ଫେରିଲାବେଳେ ବର୍ଷାରେ ବହୁତ ଓଦା ହୋଇ ଯାଇଥିଲା। ତା'ର ଶାର୍ଟ ପ୍ୟାଣ୍ଟ ସବୁ ଓଦା ହୋଇ ଯାଇଥାଏ। ମା' ତା'ର ଏ ଅବସ୍ଥା ଦେଖି ତା'କୁ ସଙ୍ଗେସଙ୍ଗେ ଶୁଖିଲା ପୋଷାକ ପିନ୍ଧିବାକୁ ଦେଲେ। ବବଲୁ କହିଲା,' ମା, ମୋ ଶାର୍ଟ ପ୍ୟାଣ୍ଟ ଆଗ ଜଲଦି ଶୁଖାଇ ଦିଅ, କାରଣ ମୋର ଗୋଟିଏ ହଳ ସ୍କୁଲ୍ ପୋଷାକ। କାଲି ପରୀକ୍ଷା ଅଛି। ଶାର୍ଟ ପ୍ୟାଣ୍ଟ ନ ଶୁଖିଲେ କାଲି ପରୀକ୍ଷା ଦେବି କିପରି ?'

ମା' କହିଲେ, ତୁ ଜମା ବ୍ୟସ୍ତ ହୁଅନା। ବାହାରେ ତ ପ୍ରବଳ ବର୍ଷା ହେଉଛି। ମୁଁ ଏବେ ଶାର୍ଟ ପ୍ୟାଣ୍ଟସବୁ ଘରେ ହ୍ୟାଙ୍ଗରରେ



ଟାଙ୍ଗି ଶୁଖାଇ ଦେଉଛି। କାଲି ସକାଳକୁ ଶୁଖିଯାଇଥିବ। ଏତିକି କହି ମା' ଶାର୍ଟ ପ୍ୟାଣ୍ଟସବୁ ହ୍ୟାଙ୍ଗରରେ ଟାଙ୍ଗି ଘରେ ଶୁଖାଇ ଦେଲେ।

ବବଲୁ ସେଉଠୁ ଖାଇ କିଛି ସମୟ ପରେ ପଢ଼ିବାକୁ ଗଲା। ପଢ଼ା ସରିଲା ପରେ ରାତ୍ରି ଭୋଜନ ଖାଇ ସେ ଶୋଇବାକୁ ଗଲା। ଶୋଇବାକୁ ଯାଉ ଯାଉ ତା' ହାତ ଅକସ୍ମାତ ଶୁଖା ଯାଇଥିବା ଶାର୍ଟ ପ୍ୟାଣ୍ଟସବୁରେ ବାଜିଗଲା। ଏ କ'ଣ ? ଶାର୍ଟ ପ୍ୟାଣ୍ଟସବୁ ତ ଏବେ ବି ଓଦା ଅଛି। ସେ ସଙ୍ଗେ ସଙ୍ଗେ ବଡ଼ ପାଟିରେ ମା'ଙ୍କୁ ଡାକ ପକେଇଲା, ମା', ଶାର୍ଟ ପ୍ୟାଣ୍ଟସବୁ ତ ଏବେ ବି ଓଦା ଅଛି। ଟିକେ ବି ଶୁଖି ନାହିଁ। ମୁଁ କାଲି କ'ଣ ପିନ୍ଧି ପରୀକ୍ଷା ଦେବାକୁ ଯିବି ?

ତା' ଡାକ ଶୁଣି ମା' ଦୌଡ଼ି ଆସି ଦେଖିଲେ ପ୍ରକୃତରେ ଶାର୍ଟ ପ୍ୟାଣ୍ଟସବୁ ଟିକେ ବି ଶୁଖି ନାହିଁ। ସେ ବ୍ୟସ୍ତ ହୋଇ ପଡ଼ିଲେ। ସେତେବେଳେ ବାପା ଅଫିସ୍‌ରୁ ଆସି ଯାଇଥିଲେ। ସେ ଏ ପରିସ୍ଥିତି ଦେଖି କହିଲେ, କିଛି ଚିନ୍ତା କରନି, ଶାର୍ଟ ପ୍ୟାଣ୍ଟସବୁ ପଙ୍ଖା ଚଳେଇ ତା' ତଳେ ଶୁଖାଇ ଦିଅ। ଦେଖିବ, କାଲି ସକାଳକୁ ପୁରା ଶୁଖି ଯାଇଥିବ।

ସେଇଠୁ ମା' ବାପାଙ୍କ କଥା ମାନି ଶାର୍ଟ ପ୍ୟାଣ୍ଟସବୁ ହାଙ୍ଗରରୁ ଖୋଲି ପଙ୍ଖା ତଳେ ଶୁଖାଇ ଦେଲେ। ତା'ପରେ ବବଲୁ ଶୋଇବାକୁ ଗଲା। ସକାଳ ହେଲାରୁ ନିତ୍ୟକର୍ମ ସାରି ଟିକେ ପଢ଼ି ବିଦ୍ୟାଳୟକୁ ବାହାରିଲା। ଏତିକିବେଳେ ତା'ର ଓଦା ଶାର୍ଟ ପ୍ୟାଣ୍ଟ କଥା ମନେ ପଡ଼ିଗଲା। ସେ ଭାବିଲା ଶାର୍ଟ ପ୍ୟାଣ୍ଟସବୁ ତ ଓଦା ଥିବ। ମୁଁ ଏବେ କ'ଣ ପିନ୍ଧି ବିଦ୍ୟାଳୟ ଯିବି ? ସେ ବ୍ୟସ୍ତ ହୋଇ ମା'ଙ୍କୁ ଡାକ ପକେଇଲା। ଏତିକିବେଳେ ମା' ଶାର୍ଟ ପ୍ୟାଣ୍ଟସବୁ ହାତରେ ଧରି ଫେରିଲେ। କହିଲେ, ତୁ ଏବେ ଶାନ୍ତ ମନରେ ଶାର୍ଟ ପ୍ୟାଣ୍ଟ ପିନ୍ଧି ବିଦ୍ୟାଳୟକୁ ଯାଆ।

ବବଲୁ କହିଲା, ଶାର୍ଟ ପ୍ୟାଣ୍ଟସବୁ ତ ଓଦା ଥିବ। ମୁଁ କ'ଣ ପିନ୍ଧି ବିଦ୍ୟାଳୟ ଯିବି?'

ମା' ହସି ହସି କହିଲେ, 'ନା ରେ ବୋକା, ଶାର୍ଟ ପ୍ୟାଣ୍ଟସବୁ ପୁରା ଶୁଖିଯାଇଛି। ବାପାଙ୍କ କଥାଟା ପୁରା କାମ ଦେଲା। ତୁ ହାତ ମାରି ଦେଖୁନୁ। ଏହା କହି ସେ ବବଲୁକୁ ଶାର୍ଟ ପ୍ୟାଣ୍ଟ ବଢ଼ାଇ ଦେଲେ। ବବଲୁ ଦେଖେ ତ ଶାର୍ଟ ପ୍ୟାଣ୍ଟସବୁ ସତରେ ଶୁଖିଯାଇଛି। ତା'ର ଆଶ୍ଚର୍ଯ୍ୟର ସୀମା ନ ଥିଲା। ସେ ଖୁସିରେ ଶୁଖିଲା ଶାର୍ଟ ପ୍ୟାଣ୍ଟ ପିନ୍ଧି ପରୀକ୍ଷା ଦେବାକୁ ଗଲା। ପୂର୍ବ ରାତିରେ ସେ ଭଲକରି ପଢ଼ିଥିବାରୁ ସେଦିନ ସେ ପରୀକ୍ଷାରେ ଭଲ ପ୍ରଦର୍ଶନ କଲା।

ବିଦ୍ୟାଳୟରୁ ଫେରି ଖାଇ ବସିଛି ତ ବାପା ଅଫିସରୁ ଆସି ଘରେ ପହଞ୍ଚିଲେ। ସେ ବବଲୁକୁ ପରୀକ୍ଷା କିପରି ହୋଇଛି ବୋଲି ପଚାରିଲେ।

ବବଲୁ କହିଲା, "ପରୀକ୍ଷା ଅତି ଭଲ ହୋଇଛି। ହେଲେ ମୋତେ ଗୋଟିଏ କଥା ଟିକେ ବୁଝାଇ ଦିଅ। ଓଦା ଶାର୍ଟ ପ୍ୟାଣ୍ଟସବୁକୁ ପଙ୍ଖା ତଳେ ଶୁଖାଇ ଦେବାରୁ ତାହା ଜଲଦି ଶୁଖିଗଲା କିପରି ?"

ଏ କଥା ଶୁଣି ବାପା ହସିହସି କହିଲେ, 'ତୁ ଆଗ ଖାଇ ସାର, ମୁଁ ସବୁ ବୁଝାଇ ଦେବି।'


ବବଲୁ ଖାଇସାରିଲା ପରେ ବାପା ବୁଝାଇ କହିଲେ, 'ଶୁଣ ବର୍ଷାଦିନେ ବାୟୁ ଜଳୀୟବାଷ୍ପରେ ଭରା ଥାଏ। ସୁତରାଂ ଏହି ବାୟୁ କୌଣସି ବାହାର ଉତ୍ସରୁ ଅଧିକ ଜଳୀୟବାଷ୍ପ ଧାରଣ କରିବା ଅବସ୍ଥାରେ ନ ଥାଏ। ବାଷ୍ପ ହେଉଥିବା ବାୟୁ ଜଳୀୟବାଷ୍ପରେ ଭରା ହୋଇ ସେଇ ଓଦା ଶାର୍ଟ ପ୍ୟାଣ୍ଟସବୁ ଉପରେ ହିଁ ଲାଖି ରହିଥାଏ। ଫଳରେ ଓଦା ଶାର୍ଟ ପ୍ୟାଣ୍ଟରୁ ଅଧିକ ଜଳ ବାଷ୍ପ ହୋଇ ବାହାରି ଯାଇପାରେ ନାହିଁ। ସେଥିପାଇଁ ବର୍ଷାଦିନେ ଓଦା ଶାର୍ଟ ପ୍ୟାଣ୍ଟସବୁ ସାଧାରଣତଃ ସହଜରେ ଶୁଖିପାରେ ନାହିଁ। ମାତ୍ର ସେସବୁକୁ ପଙ୍ଖା ତଳେ ଟାଙ୍ଗି ଦେବା ଦ୍ୱାରା ପଙ୍ଖା ପବନରେ ଶାର୍ଟ ପ୍ୟାଣ୍ଟସବୁ ଉପରେ ଜମିଥିବା ଜଳୀୟବାଷ୍ପ ଭରା ବାୟୁ ସ୍ଥାନାନ୍ତରିତ ହୋଇ ଚାଲିଯାଏ। ଫଳରେ ଓଦା ଶାର୍ଟ ପ୍ୟାଣ୍ଟସବୁରୁ ଜଳୀୟ ଅଂଶ ସହଜରେ ବାଷ୍ପ ହୋଇ ବାହାରି ବାୟୁରେ ମିଶିଯାଏ।

ସୁତରାଂ, ଓଦା ଶାର୍ଟ ପ୍ୟାଣ୍ଟସବୁକୁ ବର୍ଷାଦିନେ ଚଳନ୍ତା ପଙ୍ଖା ତଳେ ଶୁଖାଇଦେଲେ ତାହା ସହଜରେ ଶୁଖିଯାଏ।

ବାପାଙ୍କ ଉତ୍ତରରୁ ବବଲୁ ଓଦା ଶାର୍ଟ ପ୍ୟାଣ୍ଟସବୁ ଶୁଖିବାର ବୈଜ୍ଞାନିକ କାରଣ ବୁଝି ପାରିଥିବାରୁ ତା' ମନ ଭାରି ଖୁସି ଥିଲା ସେଦିନ।

*– ଏଜୁକେଶନ ଅଫିସର,*
*ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ*
*ଫୋନ୍ : ୮୦୧୮୭୦୮୮୫୮*






୧



୨



୩



୪




୯



୫



୬



୭



୮




୧୦



୧
ସ୍ନେହାରାଣୀ ସାହୁ
କ୍ଲାସ-୫, ସରସ୍ୱତୀ ଶିଶୁ ମନ୍ଦିର, ମେଲଛାମୁଣ୍ଡା, ବରଗଡ

୨
ସଞ୍ଜନା ପଣ୍ଡିତ୍
କ୍ଲାସ-୧୦, ବ୍ୟାସଦେବ ଉଚ୍ଚ ବିଦ୍ୟାଳୟ, ବେଦବ୍ୟାସ, ରାଉରକେଲା





୩
ଆର୍ଯ୍ୟା ମହାନ୍ତି
କ୍ଲାସ- ୨, ଡିଏଭି ପବ୍ଲିକ ସ୍କୁଲ, ନିମାପଡ଼ା, ପୁରୀ

୪
ଆଦ୍ୟାଶା ପରିଡ଼ା
କ୍ଲାସ-୫, ଡିପିଏସ୍, ଚାନ୍ଦୁଲି, ବାରାଣସୀ





୫
ଦେବାଶ୍ରିତା ମହାପାତ୍ର
କ୍ଲାସ- ୧୧, ଗ୍ଲୋବାଲ ଏଜ୍ ସ୍କୁଲ୍, ହାଇଦ୍ରାବାଦ୍, ତେଲେଙ୍ଗାନା

୬
ଆୟୁଷ୍ମାନ ସାହୁ
କ୍ଲାସ- ୬, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଦାରିଙ୍ଗବାଡି, କନ୍ଧମାଳ





୭
ଖ୍ରୀଶା ମହାନ୍ତି
କ୍ଲାସ-୬, ଡିଏଭି ପବ୍ଲିକ ସ୍କୁଲ, ନିମାପଡ଼ା, ପୁରୀ

୮
ଇଧାନ୍ତ ପ୍ରଣ୍ମୟ ପରିଡ଼ା
କ୍ଲାସ- ୫, କେନ୍ଦ୍ରୀୟ ବିଦ୍ୟାଳୟ, ବାଲେଶ୍ୱର





୯
ଆଦ୍ୟା ଦାସ
କ୍ଲାସ- ୫, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ-୮, ଭୁବନେଶ୍ୱର

୧୦
ଆର୍ଯ୍ୟମାନ ପରିଚ୍ଛା
କ୍ଲାସ- ୯, ଓଡିଶା ଆଦର୍ଶ ବିଦ୍ୟାଳୟ, ଦାରିଙ୍ଗବାଡି, କନ୍ଧମାଳ



# କବିତା

## ବରଷା ଆସିଲା



ଆକାଶରୁ ମେଘ ଝରିଲା
ନଈ ନାଳ ବିଲ ପୋଖରୀର ସାଥେ
ଗାଡ଼ିଆରେ ଜଳ ଭରିଲା ।
ବେଙ୍ଗୁଲି ନାନୀର କେଁ କଟରରେ
ସାରୁ ବୁଦା ମୂଳ କମ୍ପିଲା ।
ବଣ ଗଛ ଲତା ବରଷା ସକାଶେ
ସବୁଜ ସୁନ୍ଦର ଦିଶିଲା ।
ମେଘ ଉହାଡରେ ସୁରୁଜ ଦେବତା
ଆକାଶେ ବଉଦ ଘୋଟିଲା ।
ନାନା ଜାତି ଫଳ ମିଳିଲା
ରଙ୍ଗି ଆଈ ମୋର ବହୁତ ପରବ
ହରଷ ମନରେ ପାଳିଲା ।
ଜଗନ ଖୁସିରେ ମଜିଲା
ବରଷା ରାଣୀକୁ ଧନ୍ୟବାଦ ଦେଇ
କିଛିକ୍ଷଣ ପାଇଁ ଭିଜିଲା ।

*–ଧୀରେନ୍ଦ୍ର ମଲ୍ଲିକ*
*ନୀଳକଣ୍ଠପୁର, ମଙ୍ଗଳପୁର, ଯାଜପୁର*
*ମୋ: ୭୯୦୪୩୯୨୬୮୬*

## ବଉଦ

ଆକାଶର ଅଗଣାରେ ଭେଳା ଭେଳା ବଉଦ
ଦୂରୁ ଦିଶେ ସତେକିବା ଗଢିଛିକେ ସଉଧ ।
ମନ ହୁଏ ଯାଆନ୍ତି କି ଉଡି ଦୂର ଗଗନ
ଛୁଅନ୍ତିକି ତାର ଦେହ ଆଜି ଏଇ ଲଗନେ ।
କଳା କଳା ପାଟ ଶାଢୀ ଓଢଣୀତା ମଥାରେ
କି ସୁନ୍ଦର ଦିଶେ ସତେ କି କହିବି କଥାରେ ।
ଚିକିମିକି ବିଜୁଳିତା ମୁହଁ ଦେଖେ ଆଡେଇ
ବଉଦକୁ ଦୂରେ ନିଏ ପବନଟା ଉଡେଇ ।
ଆସ କିଏ ବଉଦର ରୂପଟିକୁ ଦେଖିବ
ଦେଖି ଦେଖି କବିତାଟେ ବସି ଆଜି ଲେଖିବ ।

*–ତପନ କୁମାର ସ୍ୱାଇଁ*
*ଅଇବିଳି, ତିର୍ତ୍ତୋଲ, ଜଗତସିଂହପୁର*



## ଆଗମନୀ ସଙ୍କେତ

ବରଷା ଝରେ କଳା ବାଦଲୁ
ଚାତକ ଚାହିଁଥାଏ
ସହି ନିଦାଘ ପ୍ରବଳ ଖରା
ଆନନ୍ଦେ ବାରି ପିଏ ।
ବରଷାରମ୍ଭେ ରାତିରେ ଫୁଟେ
କେତେ ମାଳତି ଫୁଲ ।
ମୟୁର ନାଚେ ଆକାଶେ ଦେଖି
ମେଘର ପଟୁଆର ।
ବରଷାରମ୍ଭେ ଭୂଇଁରେ ଚାଲେ
ଗୁଲୁଗୁଲିଆ କୀଟ ।
ସାଧବ ଘର ସାଧବ ବୋହୂ
ପିନ୍ଧି ନାଲିଆ ପାଟ ।
ବରଷା ଯୋଗୁଁ ପାଦପରାଜି
ହୁଅନ୍ତି ପଲ୍ଲବିତ ।
ଜଳରୁ ଜାତ ପଙ୍କଜ ମରେ
ଅଟଇ ଆଚମ୍ବିତ ।
ବେଙ୍ଗୁଲି ନାନୀ କେଁ କଟର
କରଇ ରାତି ହେଲେ
ସାଥୀକୁ ତାର ଶଙ୍ଖୁଳି ଥାଏ
ବରଷା ଆରମ୍ଭିଲେ ।

*–ଡ. ବିଜୟ କୁମାର ସ୍ୱାଇଁ*
*ନୟାପଲ୍ଲୀ, ଭୁବନେଶ୍ୱର*
*ମୋ: ୯୪୩୭୦୫୫୦୫୮*

## ବରଷା ତୁହି ପରାଣ ମିତ

ବରଷା ରାଣୀ ବରଷା ରାଣୀ ମେଘ ରାଜା ସହ ଆ,
ସାଥିରେ ତୋର ବିଜୁଳି ଧରି ଧୀର ଶୀତଳ ବାଆ ।
ଅଜାଡ଼ି ଦେ ତୁ ପ୍ରଚୁର ଜଳ ହସୁ ପୃଥିବୀ ମାଆ,
ବିଲ ବାଡ଼ିରେ ପୋଖରୀ ପାଟେ ଜଳ ଭରିକି ଯାଆ ।
ତୋତେ ଦେଖିଲେ ଚାଷୀ ଭାଇଟି ହେବଲୋ ଭାରି
ଖୁସି,
ଚାତକ ପରି ଚାହିଁଛି ସିଏ କରିବ କ୍ଷେତ ହସି ।
ସବୁଜ ପାଟେ ସଜେଇ ହେବ ମୋର ଧରଣୀ ମାଆ,
ଗାଁ ଦାଣ୍ଡେ ଭରା ଜଳେ ମୋ ଲିସା ଭସାଇ ଦେବ
ନାଆ ।
ଜଗତ ପାଇଁ ବରଷା ତୁହି ପରାଣ ମିତ ଟିଏ,
ତୋ ଆଗମନେ ଖୁସି ମନରେ ଜୀବ ଯେ ଗୀତ
ଗାଏ ।

*–ଲକ୍ଷ୍ମୀଧର ନାୟକ*
*ବାଉଁଶିଆପଡା, ନୟାଗଡ଼*
*ମୋ: ୮୨୭୦୩୭୨୪୯୮*

## ଗିନିଜ୍ ୱାର୍ଲ୍ଡ ରେକର୍ଡ






### ଦୃଷ୍ଟିହୀନ ସ୍କେଟର!

ପିଲାମାନେ ତୁମମାନଙ୍କୁ ସ୍କେଟିଙ୍ଗ୍ କରିବାକୁ ଭଲଲାଗେନା । ତୁମମାନଙ୍କ ପରି ୧୪ବର୍ଷର ଓଜାଲ ନଲଭଦେ ଆଖିରେ ପଟି ବାନ୍ଧି ସ୍କେଟିଙ୍ଗ୍ କରି ଗିନିଜ୍ ରେକର୍ଡ କରିଛନ୍ତି । କର୍ଣ୍ଣାଟକର ଝିଅ ଓଜାଲ ୪୦୦ମିଟର ରାସ୍ତାକୁ ୧ମିନିଟ୍‌ରେ ଆଖି ବନ୍ଦ କରି ଅତିକ୍ରମ କରିଛନ୍ତି । ସେ ଆଖିରେ ପଟି ବାନ୍ଧି ୪୦୦ମିଟର ବର୍ଗରେ ବିଶ୍ୱର ଦ୍ରୁତତମ ସ୍କେଟର ଭାବରେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି । ସେ ପ୍ରତିଦିନ ସକାଳୁ ଉଠି ଏହାକୁ ଅଭ୍ୟାସ କରିଥାନ୍ତି । ତାଙ୍କ କୋଚ୍ ତାଙ୍କୁ ଏଥିପାଇଁ ସାହାଯ୍ୟ କରନ୍ତି । ଓଜାଲ କୁହନ୍ତି, କିଛି ନୂଆ କରିବା ଇଚ୍ଛା ପିଲାଟିବେଳୁ ରହିଆସିଛି । ଏଥିପାଇଁ ମାଆବାପା ଓ ମୋ କୋଚ୍ ଉତ୍ସାହ ଦେଇଛନ୍ତି । ଭବିଷ୍ୟତରେ ମୋର ଲକ୍ଷ୍ୟ ସାଧନ କରିବା ପାଇଁ ସେମାନେ ମୋତେ ପ୍ରେରଣା ଦେଉଛନ୍ତି ।

## ଏଥରର

- କପିଳାସ ପର୍ବତ ଓଡିଶାର କେଉଁ ଜିଲ୍ଲାରେ ଅବସ୍ଥିତ ?
- ଦେଓମାଳୀ ପର୍ବତ କେଉଁ ଜିଲ୍ଲାରେ ଅବସ୍ଥିତ ?
- ଗନ୍ଧମାର୍ଦ୍ଦନ ପର୍ବତ କେଉଁ ଜିଲ୍ଲାରେ ଅଛି ?
- ମହେନ୍ଦ୍ରଗିରି ପର୍ବତ କେଉଁ ଜିଲ୍ଲାରେ ଅବସ୍ଥିତ ?
- ନିୟମଗିରି ପର୍ବତ କେଉଁ ଜିଲ୍ଲା ଅନ୍ତର୍ଗତ ?

## ଗତଥରର ଉତ୍ତର

- ଭାରତଛାଡ଼ ଆନ୍ଦୋଳନ
- ପ୍ରଧାନମନ୍ତ୍ରୀ
- ୧୯୪୭ ଜୁଲାଇ ୨୨
- ରାଜକୁମାରୀ ଅମ୍ରିତ କୌର
- ଚରଖା

## କହିଲ ଦେଖି

ସବୁଜ ପଡିଆ ଉପରେ
ନାଲିରଙ୍ଗ ଶାଢୀ ପିନ୍ଧି ଯାଉଛି ଚାଲି
ଥିରି ଥିରି ଚାଲି କେଡେ ସୁନ୍ଦର
ପଡିଯିବ କାଳେ କାହା ନଜର
ମୁଣ୍ଡରେ ଓଢଣା ଦେଇ
ବଡଘର ବୋହୂ ବାପଘର ଯାଏ
ନାଆଁ ତା'ର ଦିଅ କହି ।



**ଉତ୍ତର– ସାଧବ ବୋହୂ**

ଶରୀର ଗଠନ ଛତା ଭଳିଆ
ପାଇବ ଖୋଜିଲେ ଖୋଲା ପଡିଆ
ବାଲିରେ ଫୁଟେ ସେ ଛଣରୁ ହୁଏ
ଚାଷ କଲେ ଚାଷୀ ଲାଭ ଯେ, ପାଏ
ଉଇ ହୁଙ୍କାରୁ ଧୀରେ ତୋଳିବ
ଖାଇଲେ ପାଟିକୁ ସୁଆଦ ଲାଗିବ
ଏବେ କହିଦିଅ ନାଆଁଟି ତା'ର ।




**ଉତ୍ତର– ଛତୁ**

ପାତି ବାଉଁଶରେ ଶରୀର ଗଢା
ବରଷା ଦିନରେ ଚାଷୀକୁ ଲୋଡ଼ା
ମୁଣ୍ଡକୁ ସୁରକ୍ଷା ଯୋଗାଇ ଥାଏ
ଛତା ସାନଭାଇ ଚିହ୍ନିଛ କିଏ ?
ନାମ କହିଦିଅ ହସି
ମନଦେଇ ତୁମେ ପାଠ ପଢୁଥିଲେ
ସଭିଏଁ ହୋଇବେ ଖୁସି ।



**ଉତ୍ତର– ଝାମ୍ପି**

*–ଜଗଦୀଶ ସାହୁ*
*ସଂଜପଡା, ହିନ୍ଦୋଳ, ଢେଙ୍କାନାଳ*
*ମୋ: ୯୦୭୮୧୮୫୬୧୬*



**ଓଟ ଶବ୍ଦର ପ୍ରକୃତ ଅର୍ଥ**

ଓଟର ବୈଜ୍ଞାନିକ ନାମ କ୍ୟାମେଲିୟସ୍ । ଆରବିକ୍ ଭାଷାରେ କ୍ୟାମେଲ୍‌ର ପ୍ରକୃତ ଅର୍ଥ ହେଲା 'ବିୟୁଟି' । ପାକିସ୍ତାନ, ଇଜିପ୍ଟ,ବାହାରିନ୍ ଓ ଅଷ୍ଟ୍ରେଲିଆରେ ଓଟ ଦୌଡ଼କୁ ଅନ୍ୟତମ ଲୋକପ୍ରିୟ ଖେଳ ଭାବରେ ଗ୍ରହଣ କରାଯାଏ ।



**ଓଜନ ବଢ଼ାଏ ଗୁଣ୍ଡୁଚିମୂଷା**

ଗୁଣ୍ଡୁଚିମୂଷା ଶୀତଦିନେ ନିଜକୁ ଗରମ ରଖିବା ଲାଗି ଓଜନକୁ ବଢ଼ାଇ ଥାନ୍ତି। ଏମାନେ ଡେଇଁବାଲାଗି ନିଜ ଲାଞ୍ଜର ସାହାଯ୍ୟ ନେଇଥାନ୍ତି।



**ନିଜକୁ ଚିହ୍ନିପାରେ ପାରା**

ପାରା ଘଣ୍ଟା ପ୍ରତି ୫୦-୬୦ କିଲୋମିଟର ବେଗରେ ଉଡ଼ିଥାଏ । ପାରାକୁ ବୁଦ୍ଧିମାନ ପକ୍ଷୀ ବୋଲି ଅଭିହିତ କରାଯାଏ । କାରଣ ନିଜକୁ ଆଇନାରେ ଦେଖି ଚିହ୍ନିବାର କ୍ଷମତା ଏମାନଙ୍କର ରହିଛି ।

## ଆସ ଜାଣିବା



# ବାଜ ପକ୍ଷୀର ଜୀବନ

ପିଲାଏ, ବାଜ ଏଭଳି ଏକ ପକ୍ଷୀ ଯିଏ ନିଜର ତୀକ୍ଷ୍ଣ ଦୃଷ୍ଟି ଏବଂ ଅତୁଳନୀୟ ସାହସ ପାଇଁ ପ୍ରସିଦ୍ଧ। କିନ୍ତୁ ତା' ଜୀବନ ବିଷୟରେ ଜାଣିଲେ ତୁମେମାନେ ବି ଭାବିବ ସତରେ କ'ଣ ସେ ପୁଣିଥରେ ଜନ୍ମ ନିଏ ? ସାଧାରଣତଃ ବାଜ ପକ୍ଷୀର ବୟସ ସୀମା ୭୦-୭୫ ବର୍ଷ ଯାଏ ହୋଇଥାଏ। ହେଲେ ୪୦ ବର୍ଷ ପରେ ପଞ୍ଝା ଓ ନଖସବୁ ମୋଡ଼ି ହୋଇଯିବା କାରଣରୁ ଶିକାର କରିପାରେ ନାହିଁ । କେବଳ ସେତିକି ନୁହେଁ ତା'ର ଲମ୍ବା ତୀକ୍ଷ୍ଣ ଥଣ୍ଟ ମଧ ମୋଡ଼ି ହେଇଯାଏ। ପୁଣି ଡେଣା ମୋଟା ହୋଇଯିବା କାରଣରୁ ତା'ଲାଗି ବହୁତ ଭାରି ହୋଇଯାଏ ତଥା ତା' ଛାତିରେ ଚାପି ହୋଇଯାଏ। ଏହାଦ୍ୱାରା ଉଡ଼ିବା ଲାଗି ତାକୁ ବହୁତ କଷ୍ଟ ହୁଏ। ତେଣୁ ଆଗକୁ ପୂରା ଜୀବନ ଜିଇଁବା ଲାଗି ତାକୁ ଏକ ଅସାଧ ନିର୍ଣ୍ଣୟ ନେବାକୁ ପଡ଼େ।

ଏଭଳି ପରିସ୍ଥିତିରେ ବାଜ ପକ୍ଷୀ ନିକଟରେ କେବଳ ଦୁଇଟି ରାସ୍ତା ରହିଥାଏ- ଜୀବନ ତ୍ୟାଗ କରିବ, ନ ହେଲେ ପରିବର୍ତ୍ତନ ପାଇଁ ଏକ ଯନ୍ତ୍ରଣାମୟ ପ୍ରକ୍ରିୟାକୁ ୫ ମାସ ଯାଏ ଅପେକ୍ଷା କରିବାକୁ ହେବ। ସେଇ ୫ ମାସ ସେ ଭୋକ ଉପାସ ଓ ଯନ୍ତ୍ରଣାକୁ ସହି ସହି ପଡ଼ିରହେ। ଅନେକ ବାଜ ପକ୍ଷୀ ମଧ ଭୋକ ଉପାସ ସହି ନ ପାରି ଜୀବନ ତ୍ୟାଗ କରି ଦିଅନ୍ତି।

ଏକ ନୂଆ ଜୀବନ ପ୍ରାପ୍ତି ପାଇଁ ୫ ମାସ ଲାଗି ବାଜ ପକ୍ଷୀ ଉଡ଼ି ଉଡ଼ି କୌଣସି ଏକ ଚଟାଣ ଥିବା ଶିଳା ଖଣ୍ଡ ନିକଟକୁ ଯାଇ ବସା ତିଆରି କରି ରହିବା ଆରମ୍ଭ କରେ। ପରିବର୍ତ୍ତନ ପ୍ରକ୍ରିୟାରେ ବାଜ ପକ୍ଷୀ ଚଟାଣ ଶିଳାରେ ମୋଡି ହୋଇଯାଇଥିବା ଥଣ୍ଟକୁ ଦୁଃଖ, କଷ୍ଟ, ଯନ୍ତ୍ରଣାକୁ ସହି ବାରମ୍ବାର ଆଘାତ ଦିଏ। ଏହିଭଳି ଅକ୍ଳାନ୍ତ ଚେଷ୍ଟାର କିଛିଦିନ ପରେ ମୋଡି ଯାଇଥିବା ଥଣ୍ଟ ଭାଙ୍ଗିଯାଏ। ତା'ପରେ ଛାତିରେ ଭିଡି ଯାଇଥିବା ଡେଣାରୁ ଗୋଟିଏ ଗୋଟିଏ ପରକୁ ଥଣ୍ଟରେ ଟାଣି ଓଟାରି ଛିଣ୍ଡାଇଦିଏ।

ସତରେ କି ଆଶ୍ଚର୍ଯ୍ୟ ପ୍ରକାର ପରିସ୍ଥିତିର ମୁକାବିଲା କରିବା ଲାଗି ତାକୁ କେତେ ଯେ କଷ୍ଟ ଯନ୍ତ୍ରଣା ସହିବାକୁ ହୁଏ କେବଳ ସେ ହିଁ ଜାଣେ। ଏଭଳି ଦୁଃଖ, କଷ୍ଟ, ଯନ୍ତ୍ରଣାକୁ ପାରି କରିବା ପରେ ବାଜ ପକ୍ଷୀ ତା'ର ପୂର୍ବ ସ୍ଥିତିକୁ ଫେରିଆସେ। ଦୀର୍ଘ ୫ ମାସ ଯନ୍ତ୍ରଣା ସହିବା ପରେ ବାଜ ପକ୍ଷୀର ନୂଆ ଜନ୍ମ ହୁଏ। ପୁଣିଥରେ ପୂର୍ବ ପରି ଶିକାର କରିପାରେ, କ୍ଷିପ୍ର ଗତିରେ ଉଡ଼ିପାରେ। ଭବିଷ୍ୟତର ଆଉ ୩୦ ବର୍ଷ ଏସବୁ କଷ୍ଟ ପରେ ହିଁ ତାକୁ ମିଳିଥାଏ।

**-ସୁଧାଂଶୁ ଶେଖର ଦ୍ୱିବେଦୀ**
ବିସି-୭୪,ସଲ୍ଟ ଲେକ୍,କୋଲକାତା
ମୋ: ୯୬୮୧୩୭୩୫୧୨



# ଆ ଇ ନା



ଦିବ୍ୟାଂଶା ପଣ୍ଡା
୧୦ ବର୍ଷ / ଭୁବନେଶ୍ୱର

ଲୋପାମୁଦ୍ରା ଦାଶ
୫ ବର୍ଷ / କେନ୍ଦ୍ରାପଡ଼ା

